@CMCCuttack | Cuttack Municipal Corporation | cmc_cuttack
https://youtube.com/@cuttackmunicipalcorporation

ক)talk
Diary of Silver City

ବର୍ଷ-୧ | ସଂଖ୍ୟା-୧ | ଜୁଲାଇ ୨୦୨୩

# ତ୍ରୈମାସିକ ପତ୍ରିକା

## କିଛି କଥା...

**ବା**ହାନଗା ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣା ଆମ ସମସ୍ତଙ୍କୁ ମର୍ମାହତ କରିଛି । ଏହି ଦୁଃଖଦପୂର୍ଣ୍ଣ ଘଟଣା ପାଇଁ ଅନୁଷ୍ଠାନ ପକ୍ଷରୁ ମୃତକ ଓ ଆହତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛୁ । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆହତଙ୍କୁ ତ୍ୱରିତ ଚିକିତ୍ସା ଯୋଗାଇବା କ୍ଷେତ୍ରରେ ପ୍ରଶାସନ ଓ ଏସ୍‌ସିବି ଡାକ୍ତରମାନଙ୍କ ସଫଳ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ । ଯାହାଫଳରେ ଖୁବ କମ ସମୟ ମଧ୍ୟରେ ବହୁ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିଛି ।

ପ୍ରଥମଥର ପାଇଁ ଓଡ଼ିଆରେ ଏହି 'ତ୍ରୈମାସିକ ପତ୍ରିକା' ପ୍ରକାଶ ପାଇବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ବିଶେଷକରି କଟକ ସହରରେ ଚାଲିଥିବା ଦ୍ରୁତ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଏଥିରେ ରହିଥିବା ସୂଚନା ଜନସାଧାରଣ ଅବଗତ ହୋଇପାରିବେ । ଫଳରେ ବିକାଶର ରାସ୍ତା ଆହୁରି ପ୍ରଶସ୍ତ ହୋଇପାରିବ ।

**କମିଶନର**
**କଟକ ମହାନଗର ନିଗମ**

## ମେୟରଙ୍କ ବାର୍ତ୍ତା

**ବା**ହାନଗା ଟ୍ରେନ ଦୁର୍ଘଟଣା ଏକ ରାଷ୍ଟ୍ରୀୟ ବିପତ୍ତି । ସେଥିପାଇଁ ମୁଁ ମର୍ମାହତ । ଏଭଳି ଅଭାବନୀୟ ପରିସ୍ଥିତିକୁ ମିଳିମିଶି ମୁକାବିଲା କରିବାକୁ ଭଗବାନ ପ୍ରତ୍ୟେକଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ, ଏହା ମୋର ପ୍ରାର୍ଥନା । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏସସିବିରେ ସମସ୍ତ ଆହତଙ୍କୁ ତ୍ୱରିତ ଚିକିତ୍ସା ଯୋଗାଇ ଦିଆଯିବା ସହ ୧୫ମିନିଟ୍‌ରେ ୨ଶହ ଆମ୍ବୁଲାନ୍ସ ନିୟୋଜିତ କରାଯିବା ଏକ ଅସାଧାରଣ ପଦକ୍ଷେପ, ଯାହା ପୃଥିବୀ ଦେଖିଲା । ବିଶେଷକରି ୫-ଟି ପ୍ରଶାସନ କ୍ରିୟାଶୀଳତାର ପ୍ରକୃତ ଉପଯୋଗିତା ଓ ତା'ର ପରିପ୍ରକାଶ ଅତ୍ୟନ୍ତ ପ୍ରଶଂସନୀୟ । ସ୍ଥାନୀୟ ପ୍ରଶାସନ, କଟକ ସହରର ନାଗରିକ, ସ୍ୱେଚ୍ଛାସେବୀ ସଂଗଠନ, ଧର୍ମାନୁଷ୍ଠାନ, ଯୁବକସଂଘ, ମହିଳା ସମିତି ସହ୍ୟ ଡାକ୍ତରଖାନାରେ ପହଞ୍ଚି ସେବା କ୍ଷେତ୍ରରେ ମିଳିମିଶି ଯେଉଁ ଭାଇଚାରା ଭାବ ପ୍ରଦର୍ଶନ କରିଛନ୍ତି ତାହା ବିରଳ, ଯାହା ପୃଥିବୀ ଦେଖିଲା ।

ପ୍ରଥମ ଥର ପାଇଁ ଓଡ଼ିଆରେ ଏହି 'ତ୍ରୈମାସିକ ପତ୍ରିକା' ପ୍ରକାଶ ପାଇବା ଏକ ଉତ୍କୋଟୀର ଚିନ୍ତାଧାରାର ପ୍ରଭାବ । ମୁଁ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।



**ମେୟର**
**କଟକ ମହାନଗର ନିଗମ**

## ୫-ଟି ସ୍କୁଲ ରୂପାନ୍ତରଣ

# ଚମକିଲା ୪୧ ବିଦ୍ୟାଳୟ

**୫**-ଟିରେ ହାଇସ୍କୁଲ ରୂପାନ୍ତରଣ ମାଧ୍ୟମରେ କଟକ ସହରରେ ମୋଟ ୪୧ଟି ସ୍କୁଲକୁ ରୂପାନ୍ତରିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଶେଷ ବା ତୃତୀୟ ପର୍ଯ୍ୟାୟରେ ମୋଟ ୧୯ଟି ସ୍କୁଲ ରୂପାନ୍ତରିତ ହୋଇଛି । ମେ' ୧୮ରେ ଫୁଲନଖରାସ୍ଥିତ ଲକ୍ଷେଶ୍ୱର ହାଇସ୍କୁଲଠାରେ ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ସହରର ୧୯ଟି ବିଦ୍ୟାଳୟ ଲୋକାର୍ପଣ କରିଥିଲେ । ପୂର୍ବରୁ ୨ଟି ପର୍ଯ୍ୟାୟରେ ସହରର ମୋଟ ୨୨ଟି ସ୍କୁଲ ରୂପାନ୍ତରଣ କରାଯାଇଥିଲା ।






ପ୍ରକାଶ ଥାଉକି, ୫-ଟିରେ ହାଇସ୍କୁଲ ରୂପାନ୍ତରଣ ମାଧ୍ୟମରେ ସ୍କୁଲର ଭିତ୍ତିଭୂମି, ସ୍ୱାସ୍ଥ୍ୟକର ଓ ସବୁଜିମା ଭରା ଶୈକ୍ଷିକ ବାତାବରଣ, ଉନ୍ନତମାନର ବିଜ୍ଞାନଗାର, ଇ-ଲାଇବ୍ରେରୀ, ଡିଜିଟାଲ ଶ୍ରେଣୀ ଗୃହ, ଆଧୁନିକ ଉପକରଣ, ରାସ୍ତା, ବିଜୁଳି, ପାନୀୟଜଳ, ପରିମଳ ବ୍ୟବସ୍ଥା, ଖେଳପଡିଆର ଉନ୍ନତୀକରଣ, ଇଣ୍ଟରନେଟ୍ ସେବା ଆହରଣ ଓ ସ୍ମାର୍ଟ କ୍ଲାସ ପ୍ରଚଳନ ଆଦି ବ୍ୟବସ୍ଥା ବିଦ୍ୟାଳୟ ଶ୍ରୀବୃଦ୍ଧି କରିଛି । ସରକାରୀ ସ୍କୁଲରେ ଏଭଳି ବ୍ୟବସ୍ଥା ପୂର୍ବରୁ ଉପଲବ୍ଧ ହୋଇନଥିବାରୁ ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି କରୁଥିଲା । ବର୍ତ୍ତମାନ ୫-ଟି ଉପକ୍ରମରେ ହାଇସ୍କୁଲଗୁଡିକ ସଂସ୍କାର ପ୍ରକ୍ରିୟା ଅନ୍ତର୍ଭୁକ୍ତ ହେବାପରେ ଛାତ୍ରଛାତ୍ରୀମାନେ ସରକାରୀ ବିଦ୍ୟାଳୟରେ ପାଠ ପଢିବା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି ।

ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଂସଦ ଡ଼ା ରାଜଶ୍ରୀ ମଲ୍ଲିକ, ବିଧାୟକ ଡ଼ାକ୍ତର ପ୍ରମୋଦ ମଲ୍ଲିକ, ଜିଲ୍ଲାପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ବିଧାୟକ ଦେବୀ ପ୍ରସାଦ ମିଶ୍ର, ମେୟର ସୁବାସ ଚନ୍ଦ୍ର ସିଂ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁଭଦ୍ରା ଦାସ, ଆରଡିସି ସୁରେଶ ଚନ୍ଦ୍ର ଦଳାଇ, ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ସିଏମସି କମିଶନର ନିଖିଲ ପବନ କଲ୍ୟାଣ, ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଅମ୍ବର କୁମାର କର ଉପସ୍ଥିତ ଥିଲେ ।

# ସୂଚୀପତ୍ର


01
- କିଛି କଥା...
- ମେୟରଙ୍କ ବାର୍ତ୍ତା
- ୫-ଟି ସ୍କୁଲ ରୂପାନ୍ତରଣ

02
- ବସ୍ତି ଅଞ୍ଚଳରୁ ୧୧୦ ଝିଅ ପାଳିଲେ ରଜ

03
- ସିଡିଏର ୧୩୪ତମ ବୈଠକ
- ସହରରେ ହେବ ଅତ୍ୟାଧୁନିକ ବସଷ୍ଟପ୍
- କଟକରେ ପଛୁଆବର୍ଗ ଲୋକଙ୍କର ସାମାଜିକ ସ୍ଥିତି ସର୍ଭେ

04
- ବାହାନଗା ଟ୍ରେନ ଦୁର୍ଘଟଣା, ଏସସିବିର ପ୍ରଶଂସନୀୟ ସେବା

05
- କଟକ ବଡ଼ ଡାକଘରଖାନାରେ ଡାକଟିକଟ ପ୍ରଦର୍ଶନୀ
- ପରସ୍ପରକୁ ଫେରିପାଇଲେ ନବଦମ୍ପତି, ନାବାଳକଙ୍କୁ ମିଳିଲା ପରିବାର
- ହେଲ୍ପ ଡେସ୍କ

06
- ବର୍ଜ୍ୟବସ୍ତୁ ହ୍ରାସ ଅଭିଯାନ
- ପରିମଳ ସମ୍ପର୍କିତ କର୍ମଶାଳା
- କଟକରେ ଜାତୀୟ ସଫେଇ କର୍ମଚାରୀ କମିଶନ ସଦସ୍ୟ

07
- ତ୍ୱରାନ୍ୱିତ ହେଲା ସହରର ଜଳାଶୟ ରୂପାନ୍ତରୀକରଣ
- ଡିସେମ୍ବର ସୁଦ୍ଧା ୨୪ଘଣ୍ଟିଆ ପାନୀୟଜଳ
- ମିଶନ ଶକ୍ତି ଗୋଷ୍ଠୀଙ୍କ ଦକ୍ଷତାବୃଦ୍ଧି କର୍ମଶାଳା

08
- ବିଦ୍ୟାଧରପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପୁଣି ସମ୍ମାନିତ
- ସିଏମସିର ଇ-ଅଫିସ
- ସିଡିଏରେ ୧୪୫ଟି ରାଜସ୍ୱ ଗ୍ରାମ ସାମିଲ

09
- କିନ୍ନରଙ୍କ ଉଦ୍ୟମକୁ ପ୍ରଶଂସା
- କଟକରେ ତାମିଲନାଡୁରେ ୧୩ଜଣିଆ ପ୍ରତିନିଧି ଦଳ
- ଜାଞ୍ଜିଆଡ଼ା ଦାୟିତ୍ୱ ନେଲେ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ

10
- କାଉନସିଲ ବୈଠକ ଓ ନିଷ୍ପତ୍ତି
- ରଜ ଦିବସ

11
- ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ


## ସିଏମସିର ନିଆରା ପ୍ରୟାସ

# ବସ୍ତି ଅଞ୍ଚଳର ୧୧୦ ଝିଅ ପାଳିଲେ ରଜ







କଟକ ସହରର ଏକାଧିକ ବସ୍ତି ଅଞ୍ଚଳର ୧୧୦ ଜଣ ଝିଅ ବାଦାମବାଡିସ୍ଥିତ କଟକ ମହାନଗର ନିଗମ(ସିଏମସି) କାର୍ଯ୍ୟାଳୟ ବିକାଶଭବନରେ ରଜ ଉତ୍ସବ ପାଳନ କରିଥିଲେ । ସିଏମସି ପକ୍ଷରୁ ଏହି ଉତ୍ସବର ଆୟୋଜନ କରାଯାଇଥିଲା । ଏହି ଅବସରରେ ବସ୍ତିବାସିନ୍ଦାଙ୍କ ଛୋଟ ଛୋଟ ପିଲାମାନଙ୍କର ପାଇଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାରମ୍ପରିକ ସୁସ୍ୱାଦୁ ପିଠାପଣା ଓ ରଜ ପାନ ଖାଇ ସେମାନେ ମଉଜ ମଜଲିସ୍ କରି ଦୋଳିରେ ଝୁଲିଥିଲେ । ଏହି ପରିପ୍ରେକ୍ଷୀରେ ପିଲାମାନଙ୍କୁ କାହାଣୀ ପୁସ୍ତକ ଓ ୫ ଶହ ଟଙ୍କାର ଗିଫ୍ଟ ଭାଉଚର୍ ପ୍ରଦାନ କରାଯାଇଥିଲା । ମେୟର ସୁବାସ ସିଂହ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛୋଟ ପିଲାମାନଙ୍କୁ ବଡ ସ୍ୱପ୍ନ ଦେଖିବାକୁ ପରାମର୍ଶ ଦେଇଥିଲେ । ପରେ ମେୟର ଶ୍ରୀ ସିଂହ ଓ ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ ଉଭୟ ପିଲାମାନଙ୍କୁ ବାଦାମବାଡିସ୍ଥିତ ବଜାର କୋଲକତା ମଲ୍‌କୁ ନେଇ ୫ ଶହ ଟଙ୍କା ଗିଫ୍ଟ ଭାଉଚରରେ ସେମାନଙ୍କ ମନ ପସନ୍ଦର ଜିନିଷ କିଣାଇଥିଲେ । ଦ୍ୱିପ୍ରହରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଏମସିର ସମସ୍ତ କର୍ପୋରେଟରଙ୍କ ସମେତ ବାରବାଟୀ କଟକ ବିଧାୟକ ମହମ୍ମଦ ମୋକିମ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝି, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରଜ୍ଞା ବେଉରା, ମୋନାଲିସା ଦାସ ଓ ଦିପ୍ତିମୟୀ ମୁକିଆ ପ୍ରମୁଖ ଯୋଗଦେଇଥିଲେ ।



## ସିଡିଏର ୧୩୪ତମ ବୈଠକ

# ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପକୁ ମଞ୍ଜୁରି



କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ୧୩୪ତମ ବୈଠକ ମେ' ୩୦ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ । ବୈଠକରେ କଟକ ସହରରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କଟକ ସହରର ରୂପାନ୍ତରଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଥିଲା ବେଳେ ଆଗାମୀ ଦିନରେ ହେବାକୁ ଥିବା ଏହି ଏକାଧିକ ପ୍ରକଳ୍ପ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ସହରବାସୀଙ୍କ ଆର୍ଥିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ସାମଲ ସୂଚନା ଦେଇଥିଲେ । କଟକ ମହାନଗର ନିଗମ (ସିଏମସି) ମେୟର ସୁବାସ ସିଂହ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ସମ୍ମୁଖରେ ଜନସାଧାରଣଙ୍କ ପକ୍ଷରୁ କେତେକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସକାଶେ ଯେଉଁ ଦାବି ଉପସ୍ଥାପନ କରାଯାଉଛି ସେସବୁ ଅଗ୍ରାଧିକାର ଭିତ୍ତିରେ ଶେଷ କରାଯିବ ।

## ଉଦ୍ୟାନ କୃଷି ପ୍ରତି ଗୁରୁତ୍ୱ

ମହାନଦୀବିହାରରେ ଏକ ମିନିଷ୍ଟାଡିୟମ ନିର୍ମାଣ କରାଯିବା ସହ ପ୍ରେସ୍କ୍ଲବ ଠାରେ ଥିବା ହରେକୃଷ୍ଣ ମହତାବଙ୍କର ପ୍ରତିମୂର୍ତ୍ତି ସ୍ଥଳକୁ ଅଧିକ ଉନ୍ନତ କରାଯିବ । ସେହିପରି କଟକ ସହରରେ ସବୁଜ ବଳୟ ସୃଷ୍ଟି ପାଇଁ ବିପୁଳ ପରିମାଣର ଚାରା ରୋପଣ କରାଯିବ । ସେଥିପାଇଁ ସିଡିଏ ପକ୍ଷରୁ ହର୍ଟିକଲ୍‌ଚର (ଉଦ୍ୟାନ କୃଷି) ଉପରେ ଗୁରୁତ୍ୱ ଦିଆଯିବ । ମର୍କତନଗରସ୍ଥିତ ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖରେ ଏକ ବୃହତ ସମ୍ମିଳନୀ କେନ୍ଦ୍ର (କନ୍‌ଭେନ୍‌ସନ୍ ସେଣ୍ଟର୍) କରାଯିବା ସକାଶେ ନିଷ୍ପତ୍ତି ହୋଇଛି ।

## ସିଏନ୍‌ବିଟି ପାଇଁ ବାର୍ଷିକ ୫କୋଟି


କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି) ମଧ୍ୟରେ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ମିଶନ ଶକ୍ତି ମା'ମାନଙ୍କୁ ୪୦୦ ବର୍ଗଫୁଟର ଏକ ସ୍ଥାନ ଯୋଗାଇ ଦିଆଯିବ । ନବନିର୍ମିତ ସିଏନ୍‌ବିଟିର ରକ୍ଷଣା ବେକ୍ଷଣ ପାଇଁ ବାର୍ଷିକ ୫ କୋଟି ଟଙ୍କା ଖର୍ଚ୍ଚ କରାଯିବ ।

## ସିଡିଏରେ ମିଶିବ ୮୨ ଗାଁ

କଟକ ସହରର ଆଖପାଖ ଅଞ୍ଚଳର ୧୪୫ଟି ରାଜସ୍ୱ ଗ୍ରାମକୁ ସିଡିଏର ସାମିଲ କରାଯାଇ ପରିସୀମା ବୃଦ୍ଧି କରାଯାଇଛି । ଏବେ ୪୨ମୌଜା ଓ ତା'ର ଆଖପାଖ ୮୨ଟି ଗ୍ରାମକୁ ସିଡିଏରେ ସାମିଲ କରିବା ସକାଶେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଏହାବ୍ୟତୀତ ୧୪୫ଟି ରାଜସ୍ୱ ଗ୍ରାମର ଉନ୍ନତିକରଣ ସକାଶେ ତୁରନ୍ତ ସର୍ଭେ କରାଯାଇ ଏକ ନୂତନ 'ସମନ୍ୱିତ ଉନ୍ନୟନ ଯୋଜନା' ପ୍ରସ୍ତୁତ କରାଯିବ । ସେଥିପାଇଁ ସିଡିଏ ପକ୍ଷରୁ ଏକ ନୀତି ପ୍ରଣୟନ କରାଯିବ ।

## ସହରରେ ହେବ ଅତ୍ୟାଧୁନିକ ବସଷ୍ଟପ୍

ସହରର ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ବସଷ୍ଟପ୍ ନିର୍ମିତ ହେବ । ଫଳରେ ପରିବହନକୁ ସୁବ୍ୟବସ୍ଥିତ କରାଯିବା ସହ ଯୋଗାଯୋଗକୁ ଅଧିକ ଦୃଢ଼ିଭୂତ କରାଯାଇପାରିବ । ୫୦ବର୍ଗମିଟର ଜମିରେ ଷ୍ଟେନଲେସଷ୍ଟିଲ ଷ୍ଟ୍ରକ୍‌ଚର ସହ ପଲିକାର୍ବୋନେଟ୍ ରୁଫ୍‌ସିଟ୍ ଲଗାଯାଇ



ନୂତନ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ ଡିସ୍‌ପ୍ଲେ ବୋର୍ଡରେ ସୌରଶକ୍ତି ସମ୍ପନ୍ନ ନିରବଚ୍ଛିନ୍ନ ବିଦ୍ୟୁତ ବ୍ୟବସ୍ଥା, ଏଲଇଡି ଭିଡିଓ ସ୍କ୍ରିନ ଏବଂ ବିଜ୍ଞାପନ ବୋର୍ଡ ପ୍ରଦର୍ଶିତ ହେବ ।

## କଟକରେ ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସର୍ଭେ

ମଇ ପହିଲାରୁ କଟକ ସହରରେ ପଛୁଆବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତସ୍ଥିତି ସଂପର୍କୀତ ସର୍ଭେ ଆରମ୍ଭ ହୋଇଥିଲା । ଏହି ସର୍ଭେ ବିଭିନ୍ନ ୱାର୍ଡରେ ମେ ୨୭ ପର୍ଯ୍ୟନ୍ତ ଚାଲିଥିଲା । ପରେ କାର୍ଯ୍ୟକାଳ ବୃଦ୍ଧି କରାଯାଇ ସର୍ଭେକୁ ଜୁନ ୬ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ସିଏମସି ଅଞ୍ଚଳର ବିଭିନ୍ନ ୱାର୍ଡରେ ମୋଟ ୧୧୭ଟି ସର୍ଭେ ସେଣ୍ଟର ଖୋଲାଯାଇଥିଲା । ପୂର୍ବାହ୍ନ ୧୦ଟାରୁ ୧୨ ଟା ଓ ଦିନ ୩ଟାରୁ ୬ଟା ମଧ୍ୟରେ ପଛୁଆ ବର୍ଗର ଲୋକମାନେ ଉକ୍ତ ସେଣ୍ଟରରେ ପହଞ୍ଚି ସେମାନଙ୍କ ତଥ୍ୟ ପ୍ରଦାନ କରି ପଞ୍ଜୀକରଣ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ସାକାର କରିବା ପାଇଁ ପାଖାପାଖି ୨୦୦ ଗଣନାକାରୀ ସହ ୧୭ ଜଣ ନିରୀକ୍ଷକଙ୍କୁ ନିୟୋଜିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସହରରେ ଏକ ସଚେତନତା ରଥ ବୁଲାଯାଇଥିଲା । ମେୟର ସୁବାସ ସିଂହ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣ ବିଭିନ୍ନ ସର୍ଭେ ସେଣ୍ଟର ପରିଦର୍ଶନ କରି ପଞ୍ଜୀକରଣ ସକାଶେ ପଛୁଆବର୍ଗ ଲୋକଙ୍କୁ ଉତ୍ସାହିତ କରିଥିଲେ ।







## ବାହାନଗା ଟ୍ରେନ ଦୁର୍ଘଟଣା

# ଏସ୍‌ସିବିର ପ୍ରଶଂସନୀୟ ସେବା

"ବିଶ୍ରାମହୀନ ହୋଇଥିପଡିଥିଲା କଟକ ବଡ ମେଡିକାଲ । ସେଠାରେ ସଭିଏଁ ତତ୍ପର ହୋଇପଡିଥିଲେ । ଡାକ୍ତରଖାନା କର୍ମଚାରୀମାନେ ୨୪ଘଣ୍ଟିଆ ସେବାରେ ଲାଗିପଡିଥିଲେ । ପାରାମେଡିକାଲ ଷ୍ଟାଫ୍, ଇସିଜି ଟେକ୍‌ନିସିଆନ୍, ବିଭିନ୍ନ ବିଭାଗର ଚିକିତ୍ସକ ଓ ଚିକିତ୍ସା ସହାୟକ ନିରନ୍ତର ରୋଗୀ ସେବାରେ ନିଜକୁ ହଜାଇ ଦେଇଥିଲେ । ବାହାନଗା ଟ୍ରେନ ଦୁର୍ଘଟଣାର ଆହତମାନଙ୍କ ସୁଅ ଛୁଟିବାର ହୃଦୟ ବିଦାରକ ଦୃଶ୍ୟକୁ ସେମାନେ ଭ୍ରୂକ୍ଷେପ କରିନଥିଲେ । ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ତେଲେଙ୍ଗାନା ରାଜ୍ୟର ଆହତ ଲୋକଙ୍କୁ ସେବା ଯୋଗାଇ ଦେବାରେ ଏସ୍‌ସିବି ତା'ର ଉତ୍ତରଦାୟିତ୍ୱକୁ ନିଜ କାନ୍ଧରେ ଉଠାଇନେବା ସାମର୍ଥ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା ।"



ବାହାନଗା ଟ୍ରେନ ଦୁର୍ଘଟଣା ଖବର ତ୍ୱରିତ ବେଗରେ ପ୍ରଚାରିତ ହେବା ସହ ଆହତମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ଜଣାପଡିବା ପରେ କଟକ ଜିଲ୍ଲା ଓ  ସିଏମସି ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ସିବି ସ୍ୱାସ୍ଥ୍ୟ ବିକାଶ ସମିତି ଅଧ୍ୟକ୍ଷ ତଥା ସିଏମସି କମିଶନର ନିଖିଳ ପବନ କଲ୍ୟାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଡ ଡାକ୍ତରଖାନାର ରୋଗୀ ସେବାକୁ ସୁନିଶ୍ଚିତ କରାଯାଇଥିଲା ।

ଦୁର୍ଘଟଣାଗ୍ରସ୍ତଙ୍କୁ ଚିକିତ୍ସା ଲାଗି ସର୍ଜରୀ, ନ୍ୟୁରୋ ସର୍ଜରୀ, ଅର୍ଥୋପେଡିକ୍, ପ୍ଲାଷ୍ଟିକ୍ ସର୍ଜରୀ, ଆନାସ୍ଥେସିଆ, କାର୍ଡିଓଲୋଜି ବିଭାଗ ଆଦି ଡାକ୍ତରଙ୍କୁ ନେଇ ସ୍ୱତନ୍ତ୍ର ଚିକିତ୍ସା ଦଳ ଗଠନ କରାଯାଇଥିଲା । ସେହିପରି ରେଡିଓଲୋଜି ବିଭାଗର ଏକ୍ସ-ରେ, ସିଟି ସ୍କାନ ଏବଂ ଅଲଟ୍ରାସାଉଣ୍ଡ ପାଇଁ ବିଭାଗୀୟ ଡାକ୍ତର ଓ ଟେକ୍‌ନିସିଆନମାନଙ୍କୁ ୨୪ଘଣ୍ଟା ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

## ଏକାଠି ହୋଇଗଲା ଭାଇଚାରାର ସହର



ଭାଇଚାରାର ସହର କଟକ । ଦୁର୍ଗାପୂଜା କାଳୀପୂଜା ଭଳି ଉତ୍ସବ ହେଉ ଅଥବା ବନ୍ୟା ବର୍ଷା ଦୁର୍ଘଟଣା ଭଳି ବିପତ୍ତି । ବିପଦ ବେଳେ ଜାତିଧର୍ମ ସଂପ୍ରଦାୟ ନିର୍ବିଶେଷରେ ସମସ୍ତ ଅଣ୍ଟା ଭିଡି ସହଯୋଗ କରିବାକୁ ବାହାରିଆସନ୍ତି । ଏହା ହିଁ ସହରର ନିଆରା ସଂସ୍କୃତି । ଯାହାକି ଏସ୍‌ସିବିରେ ପ୍ରତିଫଳିତ ହୋଇଥିଲା ବାହାନଗା ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାରେ । ସହରବାସୀଙ୍କର ଏହି ଅଭୁତପୂର୍ବ ଉତ୍ସାହ ଉଦାହରଣ ସୃଷ୍ଟି କରିଥିଲା ।

### ସେବା ଓ ସହାୟତା ପାଇଁ ଅଭୁତପୂର୍ବ ଉତ୍ସାହ

ଶୁକ୍ରବାର ରାତିରୁ ଅହରହ ସେବା ଯୋଗାଇ ଦେବାକୁ ଛୁଟିଆସିଥିଲେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଏକାଧିକ ଯୁବକ ସଂଘ, ରାଜନୈତିକ ଦଳ ନେତୃବୃନ୍ଦ, ଧାର୍ମିକ ଅନୁଷ୍ଠାନ । ଖାଦ୍ୟପେୟଠାରୁ ଆରମ୍ଭ କରି ରକ୍ତଦାନ ପର୍ଯ୍ୟନ୍ତ ବିଭିନ୍ନ ଉପାୟରେ ସହାୟତାର ହାତ ବଢାଇ କଟକର ଭାଇଚାରାକୁ ସହରବାସୀ ଅଧିକ ସୁଦୃଢ କରିବାରେ ସମର୍ଥ ହୋଇଥିଲେ । ବିଭିନ୍ନ ରାଜନୈତିକ ସଂଗଠନ, ସାମାଜିକ ସଂଗଠନ, ଜିଲ୍ଲା ପ୍ରଶାସନ, ରାଜ୍ୟ ଆଇନସେବା ପ୍ରାଧିକରଣ, ସିଏମସି, ସିଡିଏ ଭଳି ପ୍ରଶାସନିକ ବିଭାଗ ପକ୍ଷରୁ ଏସ୍‌ସିବିରେ ବ୍ୟାପକ ସେବା ଓ ସୁବିଧା ଯୋଗାଇ ଦିଆଯାଇ ଏକ ନିଆରା ପରମ୍ପରା ସୃଷ୍ଟି କରାଯାଇଥିଲା ।

## ପୌର ନିଗମ ଓ ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ପଦକ୍ଷେପ



ବାହାନଗାରେ ଘଟିଥିବା ରେଳ ଦୁର୍ଘଟଣାର ଆହତଙ୍କୁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା ବେଳେ ସେମାନଙ୍କର ସଂପର୍କୀୟଙ୍କୁ  ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ସ୍ଥାନୀୟ ପ୍ରଶାସନ ଓ ପୌରନିଗମ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ନିଗମ କମିଶନର ନିଖିଳ ପବନ କଲ୍ୟାଣ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ନିଗମ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମବ ଗଠନ କରାଯାଇ ଆହତଙ୍କ ସଂପର୍କୀୟଙ୍କୁ ଏସ୍‌ସିବିକୁ ଆଣିବା ସହ ସେମାନଙ୍କୁ ଶୃଙ୍ଖଳା ଖାଦ୍ୟ ଦେବା ଓ କଟକ ରେଳ ଷ୍ଟେସନ ପର୍ଯ୍ୟନ୍ତ ଛାଡିବାକୁ ଶ୍ରୀ କଲ୍ୟାଣ ନିଗମର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଆହତ ପରିବାରର ସଦସ୍ୟଙ୍କୁ ରେଳ ଟିକେଟ୍ ବା ପାସ୍ ଯୋଗାଇଦେବା ସହ ବାଟ ଖର୍ଚ୍ଚ ବାବଦରେ ଜଣକ ପିଛା ୧ ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ବିହାରର ଭାଗଲପୁରରୁ ଆସିଥିବା ୫ଜଣ ଆହତଙ୍କ ସଂପର୍କୀୟଙ୍କ ମଧ୍ୟରୁ ୨ଜଣଙ୍କୁ ଉକ୍ତ ବ୍ୟବସ୍ଥା ମାଧ୍ୟମରେ ଘରକୁ ପଠାଯାଇଥିଲା ।

# କଟକ ବଡ଼ ଡାକ୍ତରଖାନାରେ ଭାଇଚାରାର ନିଦର୍ଶନ :




ପୌର ଓ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ଆଇନସେବା ପ୍ରାଧିକରଣ ପକ୍ଷରୁ ସହାୟତା କେନ୍ଦ୍ର



ଗୁରୁ ନାନକ ଦାତନ ସାହେବ ପକ୍ଷରୁ ବିସ୍କୁଟ ଓ ପାଣି ବଣ୍ଟନ



ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପାନୀୟ ଜଳ ବଣ୍ଟନ



ଏସସିବି ଡାକ୍ତରୀଛାତ୍ରଙ୍କ ଦ୍ୱାରା ପାନୀୟଜଳ ବଣ୍ଟନ



ଓଡ଼ିଶା ମୋ-ପରିବାର ପକ୍ଷରୁ ସହାୟତା କେନ୍ଦ୍ର



ଏସସିବିରେ ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟ



ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପାନୀୟ ଜଳ ବଣ୍ଟନ



ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଜଳ ବିତରଣ

## ପରସ୍ପରକୁ ଫେରିପାଇଲେ ନବଦମ୍ପତ୍ତି ; ନେପାଳ ନାବାଳକକୁ ମିଳିଲା ପରିବାର



ବାହାନଗା ଟ୍ରେନ ଦୁର୍ଘଟଣାରେ ପରସ୍ପର ଠାରୁ ଅଲଗା ହୋଇଯାଇଥିବା ନବଦମ୍ପତ୍ତି କଟକ ବଡ ମେଡିକାଲରେ ପୁଣି ଏକାଠି ହୋଇଛନ୍ତି । ରାଜ୍ୟ ସରକାରଙ୍କର ହେଲ୍ପ ଡେସ୍କ ହିଁ ଦମ୍ପତ୍ତିଙ୍କୁ ଏକାଠି କରିପାରିଥିଲା । ଟ୍ରେନ ଯାତ୍ରା ସମୟରେ ଏହି ନବଦମ୍ପତ୍ତି ପରସ୍ପର ଠାରୁ ଅଲଗା ହୋଇଥିଲେ । ଦୁର୍ଘଟଣା ପରେ ପତ୍ନୀଙ୍କୁ ଉଦ୍ଧାରକାରୀ ଦଳ ଅଚେତ୍ ଅବସ୍ଥାରେ ପ୍ରଥମେ ବାଲେଶ୍ୱର ମେଡିକାଲରେ ଓ ପରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ । ହେଲ୍ପଡେସ୍କ ଜରିଆରେ ପତି ଏ ସଂକ୍ରାନ୍ତରେ ଖବର ପାଇଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ପତିଙ୍କୁ ଠାବ କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଉଭୟ ଗୋଟିଏ ୱାର୍ଡରେ ଓ ପାଖାପାଖି ବେଡ୍‌ରେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଥିଲା । ସମ୍ପୃକ୍ତ ପତି-ପତ୍ନୀ ବାହାର ରାଜ୍ୟର ହୋଇଥିଲା ବେଳେ କିଛିଦିନ ପୂର୍ବେ ସେମାନଙ୍କ ବିବାହ ହୋଇଥିଲା ।

ସେହିଭଳି ନେପାଳର ୧୫ବର୍ଷର ବାଳକ ପ୍ରେମାନନ୍ଦଙ୍କୁ ମଧ୍ୟ ତାଙ୍କ ପରିବାର ଲୋକେ ଏସ୍‌ସିବିରେ ଫେରିପାଇଛନ୍ତି । ପଶ୍ଚିମବଙ୍ଗରେ ରହୁଥିବା ପ୍ରେମାନନ୍ଦର ପରିଚିତ ଲୋକ ତାର ବାପା ହରି ପାଶ୍ୱାନୀଙ୍କୁ ଖବର ଦେବା ପରେ ନେପାଳରୁ ହରି ଓ ତାଙ୍କ ପରିବାର ଲୋକେ କଟକ ବଡ ଡାକ୍ତରଖାନାରେ ପହଞ୍ଚିଥିଲେ ।

## ରେଳ ଷ୍ଟେସନରେ ସିଏମସିର 'ହେଲ୍ପ ଡେସ୍କ'

ଟ୍ରେନ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ଏସ୍‌ସିବିରେ ଚାଲିଥିଲା ବେଳେ ସେମାନଙ୍କ ପରିବାର ସଦସ୍ୟଙ୍କୁ ସହଯୋଗ ଯୋଗାଇ ଦେବା ପାଇଁ ପୌରନିଗମ ପକ୍ଷରୁ କଟକ ରେଳ ଷ୍ଟେସନରେ ଏକ ହେଲ୍ପ ଡେସ୍କ ଖୋଲାଯାଇଥିଲା । ଦିନରାତି ୨୪ଘଣ୍ଟା ଏହି ହେଲ୍ପ ଡେସ୍କ କାର୍ଯ୍ୟ କରୁଥିଲା ।





ରେଳ ଷ୍ଟେସନରେ ଆହତଙ୍କ ସଂପର୍କୀୟ ପହଞ୍ଚିବା ପରେ ସେମାନଙ୍କୁ ଆହତଙ୍କ ତାଲିକା, ଫଟୋ ଆଦି ଦେଖାଯାଉଥିଲା । ଏହାପରେ ଆହତଙ୍କ ପରିବାରର ସଦସ୍ୟଙ୍କୁ ଏସ୍‌ସିବିର ଯେଉଁ ବିଭାଗରେ ସେମାନଙ୍କର ଚିକିତ୍ସା କରାଯାଉଛି ସେଠାରେ ନେଇ ଛଡାଯାଉଥିଲା । ଉକ୍ତ କାର୍ଯ୍ୟକ୍ରମରେ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ । ସିଏମସି ମେୟର ସୁବାସ ସିଂହ ଓ କମିଶନର ନିଖିଲ ପବନ କଲ୍ୟାଣ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟକ୍ରମକୁ ରାଜ୍ୟ ବାହାରର ଲୋକେ ପ୍ରଶଂସା କରିଥିଲେ ।

## ବର୍ଜ୍ୟବସ୍ତୁ ହ୍ରାସ ଅଭିଯାନ

# ବିକାଶ ଭବନରେ ଖୋଲିଲା 'ଆର-ଆର-ଆର' କେନ୍ଦ୍ର

କଟକ ମହାନଗର ନିଗମ(ସିଏମସି) ବାଦାମବାଡିସ୍ଥିତ ବିକାଶ ଭବନଠାରେ ଜୁନ ପହିଲାରେ ଏକ 'ଆର-ଆର-ଆର' (୩-ଆର) କେନ୍ଦ୍ର (ରିଡ୍ୟୁସ୍-ରି ୟୁଜ୍-ରିସାଇକଲ୍) ଖୋଲାଯାଇଛି । ସିଏମସି କମିଶନର ନିଖିଳ ପବନ କଲ୍ୟାଣ ଏହି କେନ୍ଦ୍ରକୁ ଉଦଘାଟନ କରିଥିଲେ । ବର୍ଜ୍ୟବସ୍ତୁ ହ୍ରାସ, ପୁନଃ ବ୍ୟବହାର ଓ ପ୍ରକ୍ରିୟାକରଣ କରାଯାଇ ପରିବେଶକୁ ସୁସ୍ଥ ରଖିବା ଏହାର ଉଦ୍ଦେଶ୍ୟ ବୋଲି ସେ କହିଥିଲେ । ଅବ୍ୟବହୃତ ପୁରୁଣା ପୋଷାକ, ବହିପତ୍ର, କାଗଜ, ଜୋତା, ଚପଲ, କଣ୍ଢେଇ ଓ ଶାଢ଼ି ଆଦି ଏଣେ ତେଣେ ନ ଫୋପାଡି ଏହି କେନ୍ଦ୍ରରେ ଜମା ଦେବାକୁ ସାଧାରଣ ଜନତାଙ୍କୁ ସେ ନିବେଦନ କରିଥିଲେ । ଯାହାଫଳରେ ବର୍ଜ୍ୟବସ୍ତୁ






ହ୍ରାସ କରାଯିବା ସହ ପୁନଃ ବ୍ୟବହାର ଏବଂ ପ୍ରକ୍ରିୟାକରଣ କରାଯାଇ ଏକ ସୁସ୍ଥ ପରିବେଶ ସୃଷ୍ଟି କରାଯାଇପାରିବ । ଏହି ଅବସରରେ ସହରର ବିଭିନ୍ନ ସ୍ଥାନରୁ ଗୃହିଣୀମାନେ ପହଞ୍ଚି କେନ୍ଦ୍ରରେ ଅବ୍ୟବହୃତ ପୋଷାକ, ଖେଳନା, ଜୋତା, ଚପଲ ଓ ବହିପତ୍ର ଆଦି ଦାନ କରିବା ପରେ ପୁନଃ ବ୍ୟବହାର ପାଇଁ ସେସବୁକୁ ବଣ୍ଟନ କରାଯାଇଥିଲା । ଦେଶବ୍ୟାପି ଚାଲିଥିବା 'ମେରି ଲାଇଫ ଓ ମେରା ସ୍ୱଚ୍ଛ ସହର' ଅଭିଯାନ ନେଇ ଏହି ଆର-ଆର-ଆର କେନ୍ଦ୍ର(୩-ଆର) ପରୀକ୍ଷାମୂଳକ ଭାବେ ସ୍ଥାନୀୟ ବିକାଶ ଭବନରେ ଆରମ୍ଭ କରାଯାଇଛି । ପରେ ସମସ୍ତ ୫୯ଟି ୱାର୍ଡରେ ଏହି କେନ୍ଦ୍ର ଖୋଲାଯିବ ।

## ପରିମଳ ସଂପର୍କିତ କର୍ମଶାଳା

# ସମ୍ମାନିତ ହେଲେ ସଫେଇ କର୍ମଚାରୀ

କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ସହିଦଭବନରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଜରିଆରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ସମ୍ବନ୍ଧିତ ଏକ ତିନି ଦିନିଆ କର୍ମଶାଳା 'ଉଦ୍ୟମ, ସ୍ୱଚ୍ଛ କଟକ-ଏକ ପ୍ରଚେଷ୍ଟା' ଅନୁଷ୍ଠିତ ହୋଇଥିଲା । ମେୟର ସୁବାସ ସିଂହ ଓ କମିଶନର ନିଖିଲ ପବନ କଲ୍ୟାଣ କାର୍ଯ୍ୟକ୍ରମରେ ଯୋଗଦେଇ ଚାଲିଥିବା ପରିମଳ ଅଭିଯାନକୁ ଅଧିକ ତୀବ୍ର କରିବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଜୋନ୍‌ର ୧୫ଶହରୁ ଊର୍ଦ୍ଧ୍ୱ ସ୍ୱଚ୍ଛସାଥୀ ଓ ସଫେଇ କର୍ମୀ ଯୋଗଦେଇଥିଲେ । ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ୱାର୍ଡରୁ ମନୋନୀତ ହୋଇଥିବା ସଫେଇ କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା । ସଚେତନତା ସୃଷ୍ଟି ପାଇଁ 'ସ୍ୱଚ୍ଛରଥ'ର ଶୁଭାରମ୍ଭ ହୋଇଥିଲା ।






## କଟକରେ ଜାତୀୟ ସଫେଇ କର୍ମଚାରୀ କମିଶନ ସଦସ୍ୟ




ଜାତୀୟ ସଫେଇ କର୍ମଚାରୀ କମିଶନ ସଦସ୍ୟ ଡକ୍ଟର ପି. ପି. ଭାବା ଜୁନ ୧୫ରେ କଟକରେ ପହଞ୍ଚି କଟକ ମହାନଗର ନିଗମ(ସିଏମସି)ରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ସ୍ଥିତି ଓ ସେମାନଙ୍କ ସୁରକ୍ଷା ସଂପର୍କରେ ଅନୁଧ୍ୟାନ କରିଥିଲେ । ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ବୈଠକରେ ସେ ଯୋଗଦେଇ ସଫେଇ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ । ବିଶେଷକରି କର୍ମଚାରୀମାନଙ୍କ ଜୀବନ ଜୀବିକା ଓ ସେମାନଙ୍କ ସୁରକ୍ଷାକୁ ଅଧିକ ଦୃଢ଼ କରିବାକୁ ସେ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । କୋର ସାନିଟେସନ୍ ୱାର୍କସଙ୍କ ପାଇଁ ଜାରି ରହିଥିବା ଗାରିମା ଯୋଜନାରେ ସହରର ୯୬୩ ସଫେଇ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇ ପର୍ଯ୍ୟାୟ କ୍ରମେ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ବୋଲି ସିଏମସି ପକ୍ଷରୁ ଉପସ୍ଥାପନା କରାଯାଇଥିଲା । ଏହି ଅବସରରେ ଡକ୍ଟର ଭାବା ୨୦ଜଣ ସଫେଇ କର୍ମଚାରୀଙ୍କୁ ଭେଟି ସେମାନଙ୍କ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ ।

# ତ୍ୱରାନ୍ୱିତ ହେଲା ସହର ଜଳାଶୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ


ନୀଳକଣ୍ଠେଶ୍ୱର ପୋଖରୀ




ଗଙ୍ଗାମନ୍ଦିର ପୋଖରୀ

**ରା**ଜ୍ୟରେ ଜଳ ସୁରକ୍ଷା ଓ ପରିବେଶର ବିବିଧତାକୁ ବଜାୟ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପ 'ଆମ ପୋଖରୀ' ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜଳାଶୟଗୁଡ଼ିକୁ ପୁନରୁଦ୍ଧାର କରାଯିବା ସହ ନବୀକରଣ କରାଯାଇ ପାଣିର ମାନ ଉନ୍ନତ କରାଯିବ । ମିଶନ ଶକ୍ତି ଗୋଷ୍ଠୀ ମାଧ୍ୟମରେ କଟକ ସହରରେ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି । ବିଶେଷକରି ନୀଳକଣ୍ଠେଶ୍ୱର ପୋଖରୀ, ଉତ୍କଳ ବାଳାଶ୍ରମ ପୋଖରୀ ଓ ୭ଏକର ପରିମିତ ଗଙ୍ଗାମନ୍ଦିର ପୋଖରୀ ପୁନରୁତ୍ଥାନ , ନବୀକରଣ ସହ ପୁନଃ ପ୍ରତିଷ୍ଠା କରାଯାଇଛି ।

ଏହି ପ୍ରକ୍ରିୟାରେ ପାଣି କଢାଯିବା ସହ ସଫେଇ, ପଙ୍କୋଦ୍ଧାର କରାଯାଇ ପୋଖରୀରୁ ବାହାରିଥିବା ପଙ୍କ ଓ ମାଟିରେ ଚାରିପଟ ବନ୍ଧକୁ ଶକ୍ତିଶାଳୀ କରାଯାଇଛି । ସେହିପରି ପୋଖରୀ ପରିସରରୁ ଜବରଦଖଲ ଉଚ୍ଛେଦ କରାଯିବା ସହ ବନ୍ଧ ଚାରିପଟେ ଚାରାରୋପଣ ଓ ଚଲାପଥ କରାଯାଇଛି । ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ ୨୩ଟି ପୋଖରୀର 'ଡ୍ରୋନ' ସର୍ଭେ କରାଯାଇ ମନୋନୀତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ପର୍ଯ୍ୟାୟକ୍ରମେ ମୋଟ ୫୦ଟି ପୋଖରୀର ରୂପାନ୍ତରଣ କରାଯିବ ।

## 'ସୁଜଳ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ଯୋଜନା

### ଡିସେମ୍ବର ସୁଦ୍ଧା ୨୪ ଘଣ୍ଟିଆ ପାନୀୟ ଜଳ



୨୦୨୩ ଡିସେମ୍ବର ସୁଦ୍ଧା କଟକ ସହରବାସୀଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଇ ଦିଆଯିବ । ସୁଜଳ ଡ୍ରିଙ୍କ ଫ୍ରମ୍ ଟ୍ୟାପ ମିଶନ ଜରିଆରେ ସହରରେ ଏହି ପ୍ରକଳ୍ପ ଆରମ୍ଭ ହୋଇଛି । ସହରବାସୀଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଇଦେବା ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୨ ଜାନୁଆରୀରେ ଘୋଷଣା କରିଥିଲେ । ଏହାପରେ ସହରରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା ଆରମ୍ଭ ହୋଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ୪୮ ଓ ୪୯ ନମ୍ବର ୱାର୍ଡରେ ଏହି କାର୍ଯ୍ୟ ଶେଷ ହୋଇଛି । ସିଏମସି ଅଞ୍ଚଳରେ ଏହି ଯୋଜନାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ସହରକୁ ୫୫ଟି ଜୋନରେ ବିଭକ୍ତ କରାଯାଇଛି । ପ୍ରତି ଜୋନରେ ସୁବିଧାରେ ପାନୀୟ ଜଳ ଯୋଗାଇ ଦେବା ପାଇଁ ଓଭର ହେଡ୍ ଟାଙ୍କି ବ୍ୟବସ୍ଥା କରାଯାଇଛି । ଏପର୍ଯ୍ୟନ୍ତ ୩୭ଟି ଟ୍ୟାଙ୍କ ବ୍ୟବସ୍ଥା ହୋଇଥିଲା ବେଳେ ଅବଶିଷ୍ଟ ୧୮ଟି ଓଭର ହେଡ ଟ୍ୟାଙ୍କ ନିର୍ମାଣ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେଥିମଧ୍ୟରୁ ୧୫ଟି ଟ୍ୟାଙ୍କ ନିର୍ମାଣ ପାଇଁ ଜମି ନିର୍ଦ୍ଧାରଣ ହୋଇସାରିଥିଲା ବେଳେ ଅବଶିଷ୍ଟ ୩ଟି ପାଇଁ ଆବଶ୍ୟକ ଥିବା ଜମି ସଂକ୍ରାନ୍ତ ସମସ୍ୟା ଦୂର କରାଯାଇଛି । ମିଟର ମାଧ୍ୟମରେ ସହରର ମୋଟ ୯୩ ହଜାର ଉପଭୋକ୍ତାଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ । ପ୍ରତ୍ୟେକ ଘରର କନେକ୍ସନ ପଏଣ୍ଟ ପରିବର୍ତ୍ତନ କରାଯାଉଛି । ଯାହାଫଳରେ ପାଣି ଲିକ୍ ହେବାର ସମ୍ଭାବନା ହ୍ରାସ ପାଇବ । ତା'ଛଡା ପୁରୁଣା ପାଇପ ଲାଇନକୁ ବଦଳାଯାଉଛି । ବର୍ତ୍ତମାନ ସୁଦ୍ଧା ମାଟି ତଳେ ଥିବା ପାଇପ୍ ଲାଇନ୍, ପ୍ରତି ଘରକୁ ଯାଇଥିବା ପିଭିସି ପାଇପ ଲାଇନ, ୱାଟର ମିଟର, ଗୃହକୁ ପାଇପ ଲାଇନ ସଂଯୋଗ ଓ ଅପଟିକାଲ୍ ଫାଇବର କାର୍ଯ୍ୟ ୯୫ ଭାଗ ଶେଷ ହୋଇଛି । ସହରବାସୀଙ୍କୁ ୨୪ଘଣ୍ଟିଆ ଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଏହି ବ୍ୟବସ୍ଥା କରାଯାଉଛି ।

## ମିଶନ ଶକ୍ତି ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

**ସ**ହରରେ ଜଳାଶୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ସକାଶେ ମିଶନ ଶକ୍ତି ଗୋଷ୍ଠୀଙ୍କ ଗୁରୁ ଦାୟିତ୍ୱ ରହିଛି । ଗୋଷ୍ଠୀ ସହଭାଗିତାରେ ଉକ୍ତ କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ସେମାନଙ୍କ ଦକ୍ଷତା ବୃଦ୍ଧିର ଯଥେଷ୍ଟ ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଏପ୍ରିଲ ୨୨ରେ ସ୍ଥାନୀୟ ସହିଦ ଭବନଠାରେ ମିଶନ ଶକ୍ତି ମହିଳାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ସ୍ୱୟଂସହାୟକ ଗୋଷ୍ଠୀର ୧୩୦ ଜଣ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କଟକ ମହାନଗର ନିଗମ(ସିଏମସି) ମେୟର ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ସହରରେ ଥିବା ଜଳାଶୟଗୁଡିକର ନବୀକରଣର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି କହିଥିଲେ । ଜଳାଶୟଗୁଡିକର ରକ୍ଷଣା ବେକ୍ଷଣ କ୍ଷେତ୍ରରେ ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିବା ସହ ପରିବେଶ ସୁରକ୍ଷା ପାଇଁ ଦ୍ରୁତ ସହରୀକରଣ ମଧ୍ୟରେ ଜଳାଶୟ ଗୁଡିକର ପୁନଃ ନବୀକରଣ ନିତାନ୍ତ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ ।




ସିଏମସି କମିଶନର ନିଖିଳ ପବନ କଲ୍ୟାଣ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜଳାଶୟଗୁଡ଼ିକର ପାଣି ବିଶୋଧନ କରି ବ୍ୟବହାର ଯୋଗ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଅମୃତ ମିଶନର ମୁଖ୍ୟ ସାଗରିକା ପଟ୍ଟନାୟକ 'ଆମପୋଖରୀ' ପ୍ରକଳ୍ପ ଉପରେ ଆଲୋକପାତ କରିବାସହ କଟକ ସହରରେ ସ୍ୱୟଂସହାୟକ ମହିଳାମାନଙ୍କ ଭୂମିକାର ପ୍ରଶଂସା କରିଥିଲେ ।

## ବିଡାନାସୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପୁଣି ସମ୍ମାନିତ

**କ**ଟକ ସହରରେ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରି ସିଏମସିର ବିଡାନାସୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ୟୁପିଏଚସି) ପୁଣି କେନ୍ଦ୍ର ସରକାର ଦ୍ୱାରା ସମ୍ମାନିତ ହୋଇଛି । ଚଳିତବର୍ଷ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ୯୧.୭ ପ୍ରତିଶତ ନମ୍ବର ରଖି ନ୍ୟାସନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡସ୍ ଦ୍ୱାରା ସାର୍ଟିଫିକେଟ୍ ହାସଲ କରିବାକୁ ସମର୍ଥ ହୋଇଛି । ପୂର୍ବ ବର୍ଷ ୨୦୨୧-୨୨ରେ ଏହି ଅନୁଷ୍ଠାନ ପ୍ରଥମ ଥର ପାଇଁ ଏହି ସମ୍ମାନ ହାସଲ କରିଥିଲା ।ମେ ୨୯ ଓ ୩୦ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଡକ୍ଟର ସଞ୍ଜୟ ଖାରେ ଏବଂ ଡକ୍ଟର ରାଜେଶ ଏମ. ବୁରେଙ୍କ ନେତୃତ୍ୱରେ ଏକ ଟିମ୍ କଟକରେ ପହଞ୍ଚି ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ଯୋଗାଉଥିବା ବିଭିନ୍ନ ସେବାର ମୂଲ୍ୟାୟନ କରିଥିଲେ ।




### ସିଏମସିର ଇ-ଅଫିସ

କାର୍ଯ୍ୟରେ ସ୍ୱଚ୍ଛତା, ଦାୟିତ୍ୱବୋଧତା ସହ ସରଳୀକରଣ ପାଇଁ କଟକ ମହାନଗର ନିଗମ ପକ୍ଷରୁ ଇ-ଅଫିସ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ପର୍ଯ୍ୟାୟକ୍ରମେ ଏହାକୁ କାର୍ଯ୍ୟକ୍ଷମ କରାଯାଉଛି । ଫଳରେ କାର୍ଯ୍ୟାଳୟ କାମ ସରଳ ହେବା ସହ ସାଧାରଣ ଲୋକ ତୁରନ୍ତ ସେବା ପାଇପାରିବେ ।

## କାର୍ଯ୍ୟକ୍ଷମ ହେଲା ଡି-ଫଗିଙ୍ଗ ମେସିନ



କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ଏଥିମଧ୍ୟରୁ ୨ଟି ଡି-ଫଗିଙ୍ଗ ମେସିନ ନିୟୋଜିତ କରାଯାଇଛି । ଯାହାଫଳରେ ରାସ୍ତାରେ ଉଡୁଥିବା ବାଲିଧୂଳିକୁ ପାଣିସ୍ପ୍ରେ କରାଯାଇ ନିୟନ୍ତ୍ରଣ କରାଯିବା ସହ ସୌନ୍ଦର୍ଯ୍ୟ ରକ୍ଷାରେ ସାମର୍ଥ୍ୟ ହାସଲ କରାଯାଇ ପାରିଛି ।

## ଯାନ୍ତ୍ରିକ ସଫେଇ



କଟକ ମହାନଗର ନିଗମ ପକ୍ଷରରୁ ରାସ୍ତାଘାଟ ସଫେଇ ସକାଶେ ୨ଟି ଯାନ୍ତ୍ରିକ ସଫେଇ ମେସିନ ନିୟୋଜିତ କରାଯାଇଛି । ରାତି ୧୦ଟାରୁ ସକାଳ ୫ଟା ମଧ୍ୟରେ ସହରର ମୁଖ୍ୟ ରାସ୍ତାରୁ ବାଲି, ଧୂଳି ସଫା କରାଯାଉଛି । ଏହି ଯାନ୍ତ୍ରିକ ସଫେଇ ବ୍ୟବସ୍ଥା ଜରିଆରେ ଦୈନିକ ୪୦କି.ମି ରାସ୍ତା ସଫା କରାଯାଇପାରୁଛି ।

## ବାଣିଜ୍ୟ, ବ୍ୟବସାୟ ପାଇଁ ସିଏନବିଟି ଜମି ଆବଣ୍ଟନ



କଟକ ଖାନନଗରଠାରେ ୧୫ଏକର ଜମି ଉପରେ ନିର୍ମାଣ ହୋଇଥିବା ନେତାଜୀ ବସ୍ ଟର୍ମିନାଲ (ସିଏନବିଟି) ପରିସର ନିକଟରେ ବ୍ୟବସାୟ କରିବା ସକାଶେ ଚିହ୍ନଟ ହୋଇଥିବା ୧.୬୮୪ ଏକର ପରିମିତ ଜମି ଏଥି ମଧ୍ୟରେ ନିଲାମ ଦ୍ୱାରା ଆବଣ୍ଟନ କରାଯାଇଛି ।

## ମିଶନ ଶକ୍ତି ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ

ତାଳଦଣ୍ଡା କେନାଲ ନିକଟରେ 'ଫୁଡ୍‌କୋର୍ଟ' ଖୋଲିବା ସକାଶେ ସିଏମସି ପକ୍ଷରୁ ୩ଟି ମିଶନ ଶକ୍ତି ମହିଳାଗୋଷ୍ଠୀଙ୍କୁ ମନୋନୀତ କରାଯାଇଛି । ସେମାନଙ୍କ ମଧ୍ୟରେ ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ, ମା'କାଳୀ ଏମଏମଏସ ଏବଂ ତ୍ରିନାଥ ଶକ୍ତି ଗ୍ରୁପ-୨ ଥିବାବେଳେ ସଂପୃକ୍ତ ମହିଳାମାନଙ୍କୁ ଏଥିନିମନ୍ତେ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି ।



## ସିଡିଏରେ ୧୪୫ଟି ରାଜସ୍ୱ ଗ୍ରାମ ସାମିଲ

**କ**ଟକ ସହରର ଉନ୍ନୟନ ପାଇଁ କାର୍ଯ୍ୟ କରୁଥିବା 'କଟକ ଉନ୍ନୟନ କର୍ତ୍ତୃପକ୍ଷ'ର ପରିସୀମା ଏବେ ବୃଦ୍ଧି ପାଇଛି । ସହରର ଆଖପାଖରେ ଥିବା ୧୪୫ଟି ରାଜସ୍ୱ ଗ୍ରାମକୁ ସିଡିଏରେ ସାମିଲ କରାଯାଇଛି । ଉକ୍ତ ଅଞ୍ଚଳଗୁଡିକ ସିଡିଏ ଅଧୀନକୁ ଯିବା ପରେ ସେଠାରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଯଥା-ରାସ୍ତାଘାଟ, ଭିତ୍ତିଭୂମି, ପାର୍କ, ଗୋଷ୍ଠୀକେନ୍ଦ୍ର, ଜମି ଆବଣ୍ଟନ, ଗୃହ ନିର୍ମାଣ ଆଦି କାର୍ଯ୍ୟ ସିଡିଏ ଦ୍ୱାରା କରାଯିବ । ଏତଦ୍ ବ୍ୟତୀତ ଏହିସବୁ ଅଞ୍ଚଳରୁ ସିଡିଏ ଜମିଜମା ରେଜିଷ୍ଟ୍ରେସନ ବାବଦ ଷ୍ଟାମ୍ପ ଡ୍ୟୁଟି, ପ୍ଲାନ ଆପ୍ରୁଭାଲ, ପ୍ଲଟ ଡେଭଲପମେଣ୍ଟ ସ୍କିମ, ହାଉସିଂ କଲୋନୀ ଇତ୍ୟାଦିରୁ ରାଜସ୍ୱ ପାଇବ ।

## କିନ୍ନରଙ୍କ ଉଦ୍ୟମକୁ ପ୍ରଶଂସା

### ମତ୍ତଗଜପୁର ମଳ ବିଶୋଧନାଗାର ପରିଦର୍ଶନ କଲେ ଆମେରିକୀୟ ପ୍ରତିନିଧି ଦଳ

ଆମେରିକା ସରକାରଙ୍କ ଦ୍ୱାରା ପରିଚାଳିତ ୟୁନାଇଟେଡ୍ ଷ୍ଟେଟ୍ସ ଏଜେନ୍ସି ଫର୍ ଇଣ୍ଟରନ୍ୟାସନାଲ ଡେଭଲପମେଣ୍ଟ (ୟୁଏସଆଇଡି)ର ୭ଜଣିଆ ପ୍ରତିନିଧି ଦଳ ଏପ୍ରିଲ ୨୭ରେ କଟକ ମତ୍ତଗଜପୁର ସ୍ଥିତ ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ମଳ ବିଶୋଧନାଗାର) ପରିଦର୍ଶନ କରିଛନ୍ତି । ସିନିୟର ଫରେନ୍ ଡିପ୍ଲୋମାଟ୍ ଅଫ୍ ୟୁଏସ ଗଭର୍ଣ୍ଣମେଣ୍ଟ ବିଣା ରେଡ୍ଡିଙ୍କ ନେତୃତ୍ୱରେ ଏହି ଦଳ ପ୍ଲାଣ୍ଟ ପରିଦର୍ଶନରେ ଆସିଥିଲେ । ଉକ୍ତ ପ୍ଲାଣ୍ଟ ଦାୟିତ୍ୱରେ ଥିବା 'ବହୁଚାରା ମାତା' କିନ୍ନର ସ୍ୱୟଂ ସହାୟକ ଗୋଷ୍ଠୀ, ନିଗମର ମେୟର ସୁବାସ ସିଂଙ୍କ ସମେତ ବହୁ ଅଧିକାରୀ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

କିନ୍ନରମାନଙ୍କ ଦ୍ୱାରା ପରିଚାଳିତ ଏହି ପ୍ଲାଣ୍ଟ ରାଜ୍ୟରେ ପ୍ରଥମ ବୋଲି ସେମାନେ ମତବ୍ୟକ୍ତ କରିବା ସହ କିନ୍ନରଙ୍କ କାର୍ଯ୍ୟଦକ୍ଷତା ପାଇଁ ପ୍ରଶଂସା କରିଥିଲେ । କିନ୍ନରମାନଙ୍କ ଜୀବନ ଜୀବିକା ଓ ସେମାନଙ୍କୁ ରୋଜଗାରକ୍ଷମ କରିବା ସକାଶେ କଟକ ପୌର ନିଗମର ପଦକ୍ଷେପ ପ୍ରଶଂସନୀୟ ବୋଲି ପ୍ରତିନିଧି ଦଳର ମୁଖ୍ୟ ଶ୍ରୀମତୀ ରେଡ୍ଡି କହିଥିଲେ ।



୨୦୨୦ରେ ମତ୍ତଗଜପୁର ଠାରେ ଏହି ମଳ ବିଶୋଧନାଗାରକୁ କାର୍ଯ୍ୟକ୍ଷମ କରାଯାଇଥିଲା । ଓଡ଼ିଶା ଜଳଯୋଗାଣ ସ୍ୱେରେଜ ବୋର୍ଡ ପକ୍ଷରୁ ଏହି ପ୍ରକଳ୍ପକୁ ପରବର୍ତ୍ତୀ ସମୟରେ ନିଗମକୁ ହସ୍ତାନ୍ତର କରାଯାଇଥିଲା ।





## କଟକରେ ତାମିଲନାଡୁର ୧୩ ଜଣିଆ ପ୍ରତିନିଧି ଦଳ

### ଅନୁଧ୍ୟାନ କଲେ ସିଏମସିର ଜଳ ଓ ମଳ ନିଷ୍କାସନ ବ୍ୟବସ୍ଥା



ଓଡ଼ିଶାକୁ ଦୁଇ ଦିନିଆ ଗସ୍ତରେ ଆସିଥିବା ତାମିଲନାଡୁର ଏକ ୧୩ ଜଣିଆ ପ୍ରତିନିଧି ଦଳ ଜୁନ ୯ତାରିଖରେ କଟକରେ ପହଞ୍ଚିଥିଲେ । ସେଠା ପୌର ପ୍ରଶାସନର ଅତିରିକ୍ତ କମିଶନର ଆର. ଲଳିତା ଏହି ଟିମ୍‌ର ନେତୃତ୍ୱ ନେଇଥିଲେ । ସେମାନେ ଭୁବନେଶ୍ୱରରେ ପହଞ୍ଚି ବିଏମସିର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ପରେ କଟକ ମହାନଗର ନିଗମ (ସିଏମସି)ର ବିକାଶ ଭବନରେ ପହଞ୍ଚିଥିଲେ । ସେଠାରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଦଳରେ ପୌର ଯନ୍ତ୍ରୀ, ସ୍ୱେରେଜ୍ ବିଶେଷଜ୍ଞ, ପ୍ରୋଗ୍ରାମ୍ ମ୍ୟାନେଜର ସାମିଲ ଥିଲେ । ପ୍ରତିନିଧି ମଣ୍ଡଳୀ ସିଏମସି କଲ୍ ସେଣ୍ଟର ପରିଦର୍ଶନ କରି ସେଠାକୁ ଆସୁଥିବା ଅଭିଯୋଗ କିପରି ସମାଧାନ କରାଯାଉଛି ସେ ସଂପର୍କରେ ଅନୁଧ୍ୟାନ କରିଥିଲେ । ସହରରେ କିପରି ଦୂଷିତ ଜଳ ଓ ମଳ ନିଷ୍କାସନ ହେଉଛି ସେମାନେ ତାହା ଅନୁଧ୍ୟାନ କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରତିନିଧି ମଣ୍ଡଳୀ ବାଲିସାହିରେ ପହଞ୍ଚି ସେଠାରେ ଗୋଷ୍ଠୀ ଶୌଚାଳୟ କିପରି କାର୍ଯ୍ୟ କରୁଛି ତାହା ଦେଖିଥିଲେ । ପାଇଖାନା ଟାଙ୍କି କିପରି ସଫା ହେଉଛି ତାହା ସେମାନେ ଦେଖିବା ସହ ସେସ୍‌ପୁଲ୍ ଗାଡି ଚାଳକ ଓ ଲୋଡରମାନଙ୍କ ସହ ଆଲୋଚନା କରି ସେମାନଙ୍କ କାର୍ଯ୍ୟ ବିଷୟରେ ପଚାରି ବୁଝିଥିଲେ ।

## କାଞ୍ଜିଆହୁଦା ଦାୟିତ୍ୱ ନେଲେ ସ୍ୱୟଂ ସହାୟିକା ମହିଳାଗୋଷ୍ଠୀ



ସହରରେ ବୁଲା ଗୋରୁ ଗାଈଙ୍କୁ ନିୟନ୍ତ୍ରଣ କରିବା ସକାଶେ ସତୀଚଉରା ନିକଟରେ ଏକ କାଞ୍ଜିଆହୁଦା ଖୋଲାଯାଇଛି । ଏହାର ରକ୍ଷଣାବେକ୍ଷଣ ସକାଶେ ମହାଲକ୍ଷ୍ମୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି । ମହିଳା ସଶକ୍ତିକରଣ ସକାଶେ ସିଏମସି ପକ୍ଷରୁ ଉପରୋକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ତାଲିମ ଦିଆଯାଇଛି ।

# କାଉନସିଲ ବୈଠକ ଓ ନିଷ୍ପତ୍ତି

କଟକ ମହାନଗର ନିଗମ (ସିଏମସି)ର ୧୨ତମ ଓ ୧୩ତମ ସାଧାରଣ ଅଧିବେଶନ ଏପ୍ରିଲ ୧୬ ଓ ମେ'୨୪ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମେୟର ସୁବାସ ସିଂହ ସଭାପତିତ୍ୱ କରିଥିଲେ । ସେହିପରି ଡ୍ୱାର୍ଡ କର୍ପୋରେଟର, ଆୟୁକ୍ତ ନିଖିଲ ପଓ୍ୱନ କଲ୍ୟାଣଙ୍କ ସମେତ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ୧୨ତମ କାଉନସିଲ ବୈଠକ ନିଷ୍ପତ୍ତି

- କଟକ ମହାନଗର ନିଗମ (ସିଏମସି)ରେ ବହିର୍ନିଯୁକ୍ତି ସଂସ୍ଥା ମାଧ୍ୟମରେ ନିୟୋଜିତ ହୋଇଥିବା ବିଭିନ୍ନ ବର୍ଗର କର୍ମଚାରୀ ଯଥା-ମାଳି (ଅର୍ଦ୍ଧ କୁଶଳୀ), ଅଟୋ ଲୋଡର (ଅଣ କୁଶଳୀ) ଡଗ କ୍ୟାଚର ଓ ଆନିମାଲ କିପର (ଅର୍ଦ୍ଧ କୁଶଳୀ) ମାନଙ୍କୁ, ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ନିର୍ଦ୍ଦେଶାନୁଯାୟୀ ଦୈନିକ ମଜୁରୀ ପ୍ରଦାନ କରାଯିବ ।
- ୨୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରୁଆସୁଥିବା କର୍ମଚାରୀଙ୍କୁ ଏନଏମଆର କର୍ମଚାରୀ ଭାବେ ଗ୍ରହଣ କରାଯିବା ସହ ଯିଏ ଯେଉଁ ପଦବୀରେ କାର୍ଯ୍ୟ କରୁଛନ୍ତି ଅନ୍ୟ ଏନଏମଆର କର୍ମଚାରୀଙ୍କ ଭଳି ସେମାନଙ୍କୁ ସେହି ପଦବୀ ଅନୁସାରେ ଅଣ କୁଶଳୀ, ଅର୍ଦ୍ଧ କୁଶଳୀ, କୁଶଳୀ ହାରରେ ମଜୁରୀ ପ୍ରଦାନ କରାଯିବ ।
- ହେଲପର ଗୋବିନ୍ଦ ସେନାପତି କାର୍ଯ୍ୟରତ ସମୟରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିଲେ । ତେଣୁ ତାଙ୍କୁ ଚିକିତ୍ସା ଖର୍ଚ୍ଚ ବାବଦ ବିଲ ପ୍ରଦାନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା ।
- ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ପତ୍ର ଅନୁଯାୟୀ ଡିଏଲଆର, ଏନଏମଆର ଓ ବହିଃ ନିଯୁକ୍ତି ସଂସ୍ଥା ମାଧ୍ୟମରେ  କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର ଦୈନିକ ମଜୁରୀ ସହିତ ଭିଡିଏ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

## ୧୩ତମ କାଉନସିଲ ବୈଠକ ନିଷ୍ପତ୍ତି

- ବିଧାୟକ ଚୌଦ୍ୱାର-କଟକଙ୍କ ପତ୍ର ଅନୁଯାୟୀ ମହାନଦୀ ଉପରେ ନିର୍ମାଣାଧୀନ ମଧୁବାବୁ ସେତୁରେ ଆଲୋକୀକରଣ ଏବଂ ୩ ବର୍ଷ ରକ୍ଷଣାବେକ୍ଷଣ କରିବାକୁ ଆବଶ୍ୟକ ପାଣ୍ଠି ବ୍ୟବସ୍ଥା କରିବାକୁ ଓ୍ୱାର୍କ୍ସ ଡିପାର୍ଟମେଣ୍ଟ ସଚିବଙ୍କୁ ଅବଗତ କରାଗଲା । ପରବର୍ତ୍ତୀ ସମୟରେ ନିଗମ ସମସ୍ତ ରକ୍ଷଣାବେକ୍ଷଣ କରିବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା ।
- ତାଳଦଣ୍ଡା କେନାଲ ନିକଟସ୍ଥ ଯୋବ୍ରା  ପଟରେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯିବାକୁ ଚିହ୍ନଟ କରାଯାଇଥିବା ଜାଗାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ସହିତ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଗଲା ।
- ରାଣୀହାଟସ୍ଥିତ କ୍ଲକ ଟାଓ୍ୱାର ନିକଟରେ ଥିବା ଜାଗାରେ ମଲ ନିର୍ମାଣ କରାନଯାଇ ଛୋଟ ଛୋଟ ବ୍ୟବସାୟୀମାନଙ୍କ ନିମନ୍ତେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା ।

## ଉତ୍କଳ ଦିବସ

### ମିଶନ ଶକ୍ତି ବଜାର ଓ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ଉତ୍କଳ ଦିବସ ପାଳନ ଅବସରରେ କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ସତୀଚଉରା ମାର୍କେଟ କମ୍ପ୍ଲେକ୍ସ ନିକଟରେ ଏକ ମିଶନ ଶକ୍ତି ବଜାର ଉଦଘାଟିତ ହୋଇଯାଇଛି । କଟକ ସହରରେ ପ୍ରଥମ ଥର ପାଇଁ ମହିଳା ସ୍ୱୟଂ ସହାୟକଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ଓ ଖାଦ୍ୟ ସାମଗ୍ରୀକୁ ନେଇ ଏକାଧିକ ଷ୍ଟଲ  ଏହି ବଜାରରେ ଖୋଲାଯାଇଛି । ସେହିପରି ସ୍ଥାନୀୟ ଦେଉଳିସାହିରେ ମହିଳା ସ୍ୱୟଂ ସହାୟକ ସଦସ୍ୟମାନଙ୍କ ତାଲିମ ପାଇଁ ମଧ୍ୟ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି । ଏହି  ବଜାରରେ  ବିଭିନ୍ନ  ହାତ ତିଆରି ସାମଗ୍ରୀ ସହିତ ମହିଳାମାନେ ପ୍ରସ୍ତୁତ କରିଥିବା ବଡି, ପାମ୍ପଡ, ଛତୁଆ, ମାଟି ପାତ୍ର, ଫିନାଇଲ, ଧୂପକାଠି, ମସଲା ଓ ଘରକରଣା ସାମଗ୍ରୀ ସୁଲଭ ମୂଲ୍ୟରେ ବିକ୍ରି ହେଉଛି । ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଗଠନ କରାଯାଇଥିବା



ମହାସଂଘ ଏହାର ଦାୟିତ୍ୱ ନେଇଛନ୍ତି । ହସ୍ତଶିଳ୍ପ ଓ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଏହି ବଜାରରେ ବିକ୍ରି ହେଉଛି । ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟକ ଇଂ.ମହମ୍ମଦ ମୋକିମ, ଡେପୁଟୀ ମେୟର ଦମୟନ୍ତୀ ମାଝୀଙ୍କ ସମେତ ବହୁ କର୍ପୋରେଟର, ମହିଳା ସ୍ୱୟଂ ସହାୟକଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ । ସକାଳେ ମେୟର ଶ୍ରୀ ସିଂହ ଓ ଶ୍ରୀ କଲ୍ୟାଣ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ହରିଣ ପାର୍କ ନିକଟସ୍ଥ ମଧୁକୁଞ୍ଜପାର୍କ, କ୍ୟାଣ୍ଟୋନମେଣ୍ଟ ରୋଡ୍ ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସେହିପରି ସେମାନେ ଆନନ୍ଦଭବନ ସଂଗ୍ରହାଳୟରେ ପହଞ୍ଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।







Report of 2nd Quarter (Apr - June 2023)

# ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ

| Animal Birth Control | Apr | May | June |
|---|---|---|---|
| Stray Dog Surveillance | 260 | 323 | 211 |
| Sterilization | Male 110<br>Female 99 | Male 144<br>Female 157 | Male 100<br>Female 95 |

| Birth and Death Registrations | Apr | May | June | Total |
|---|---|---|---|---|
| Birth Certificates | 1964 | 1901 | 1819 | 5684 |
| Death Certificates | 1884 | 1911 | 1718 | 5513 |

| Harishchandra Sahayata Yojana (HSY) Status | | |
|---|---|---|
| Month | Applications Sanctioned | Amount sanctioned |
| Apr | 69 | ₹ 2,76,000 |
| May | 60 | ₹ 2,40,000 |
| June | 5 | ₹ 20,000 |
| Total | 134 | ₹ 5,36,000 |

| PMAY(U) STATUS | |
|---|---|
| No. of dwelling units completed in Apr-23 to June-23 | Payment disbursed |
| 131 | ₹1,19,80,000 |

| New Trade Licenses Issued | |
|---|---|
| Apr | 128 |
| May | 283 |
| June | 104 |
| Total | 515 |


| Pension Status | |
|---|---|
| Scheme | No. of applications sanctioned |
| MBPY | 589 |
| ODP | 81 |
| NSAP | 41 |
| Total | 711 |

| New Food Licenses Issued | |
|---|---|
| FSSAI License | 159 |
| Registration for small food operator | 539 |
| Risk-based Inspection (RBI) | 137 |
| In General Inspection | 379 |
| Fines Imposed | ₹ 1,18,000 |

| SHG FORMATION STATUS | Apr | May | June | Total |
|---|---|---|---|---|
| SHG Formed | 2 | 2 | 2 | 6 |
| Revolving Fund Received | 7 | 12 | 0 | 19 |
| ALF Formed | 0 | 0 | 0 | 0 |
| Revolving Fund Received | 0 | 4 | 0 | 4 |

| SHG BANK LINKAGE (SHG LOAN) | |
|---|---|
| NO. OF LINKAGES | TOTAL LOAN AMOUNT |
| 21 | ₹ 46,20,000 |

| Segment | Total Collection FY 22/23 upto May | Total Collection FY 23/24 upto May |
|---|---|---|
| Trade license fees | 511280 | 5200010 |
| Shop room | 268862 | 2970841 |
| User's fees | 5436158 | 13166496 |
| Hoarding | 931585 | 2665720 |
| Misc Advertisement | 105150 | 566650 |
| OMFED/OPOLFED | 35040 | 103520 |
| Petrol pump | 584799 | 2249792 |
| Auction Sairat Sources | 713198 | 2405482 |
| Saheed Bhawan/ Town Hall/ Kalyan Mandap | 168952 | 627915 |
| Seasonal Trading Permission | 13200 | 3650 |
| Temporary Permission | 0 | 213000 |
| Total | ₹88,72,212.0 | ₹3,01,01,286.0 |



## Collection Camps

CMC Revenue department set up Collection Camps in Malgodown area to facilitate the tenants to pay their dues. A total of Rs.9,78,277 was collected at the field camps held on May 29, June 8 and June 12, 2023.

| Date | Amount |
|---|---|
| 29.05.23 | ₹ 3,11,245 |
| 08.06.23 | ₹ 5,19,912 |
| 12.06.23 | ₹ 1,47,120 |
| Total | ₹ 9,78,277 |





ବାରବାଟୀ ଷ୍ଟାଡିୟମ ନିକଟରେ ରୁଫଟପ୍ ଡାଇନିଂ ବ୍ୟବସ୍ଥା ଥାଇ ହେବାକୁ ଥିବା 'ଫୁଡ୍‌ଷ୍ଟ୍ରିଟ୍'ର ଥ୍ରି-ଡି ଚିତ୍ର

୩୬.୨୭ ଏକର ପରିମିତ ବିଜୁ ପଟ୍ଟନାୟକ ପାର୍କର ଅତ୍ୟାଧୁନିକ ଢାଞ୍ଚାରେ ହେବାକୁ ଥିବା ନବୀକରଣର ଏକ ଥ୍ରି-ଡି ଚିତ୍ର





ସହରର ବିଭିନ୍ନ ସ୍ଥାନରେ ନୂତନ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ ଅତ୍ୟାଧୁନିକ ବସଷ୍ଟପ୍‌ର ଥ୍ରି-ଡି ଚିତ୍ର

ସହିଦ ଭବନ ପୁନରୁଦ୍ଧାର ଓ ନବୀକରଣର ଏକ ଥ୍ରି-ଡି ଚିତ୍ର

# ନୂଆ ରୂପରେ ସହର...





ସୌର ପ୍ୟାନେଲ ବ୍ୟବହାର କରାଯାଇ ସହରରେ ବିଭିନ୍ନ ସ୍ଥାନରେ ହେବାକୁ ଥିବା ସ୍ମାର୍ଟ ଲାଇବ୍ରେରୀର ଥ୍ରି-ଡି ଚିତ୍ର

ଚୌଧୁରୀବଜାରସ୍ଥିତ ସିଏମସି କାର୍ଯ୍ୟାଳୟ ପରିସରରେ ଥିବା କଲ୍ୟାଣ ମଣ୍ଡପ ନବୀକରଣର ଏକ ଥ୍ରି-ଡି ଚିତ୍ର


**24 X 7 CMC CALL CENTRE**

1800-34567-28 89473-59742

**Cuttack Municipal Corporation**
**Cuttack Development Authority**

CDA